## ମରୁଡି ପ୍ରବଣ ବିଭିନ୍ନ ଜମି କିସମରେ ଧାନଚାଷ ପଦ୍ଧତି ଅବଲମ୍ବନ କରିବାପାଇଁ ନିଷ୍ପତ୍ତି ନେବାର ଉପାୟ




## ମରୁଡି ସହିଷ୍ଣୁ ସହଭାଗୀ ଧାନର ଚାଷ ପଦ୍ଧତି


ସି.ଆର୍.ଆର୍.ଆଇ ବେବୈଷୟିକ ଇସ୍ତାହାର - ୬୯


© ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରିୟ ଧାନ ଗବେଷଣା ଅନୁଷ୍ଠାନ, ଅପ୍ରେଲ, ୨୦୦୯


**ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ :** ବି. ଏନ. ସଡ଼ଙ୍ଗି, ଜି.ଏ.କେ. କୁମାର, ସୁନିଲ୍ କୁମାର ସିହ୍ନା ଏବଂ ସଂଧ୍ୟା ରାଣି ଦଲାଲ୍

**ଓଡ଼ିଆ ରୁପାନ୍ତର :** ଆର୍. ଗାୟତ୍ରୀ କୁମାରୀ, **ଫଟୋ:** ପି. କର, ବି. ବେବେହରା ଏବଂ ଡି. ଆର୍. ସାହୁ

ମୁଦ୍ରଣ - ନିର୍ଦ୍ଦେଶକ, କେନ୍ଦ୍ରିୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା - ୭୫୩ ୦୦୬ ତରଫରୁ ପ୍ରକାଶିତ


# ମରୁଡି ସହିଷ୍ଣୁ ସହଭାଗୀ ଧାନର ଚାଷ ପଦ୍ଧତି


ମୁକୁନ୍ଦ ଭରିଆର୍, ନିମାଇ ପ୍ରସାଦ ମଣ୍ଡଳ ଏବଂ ବିଦ୍ୟାଧର ଶୁକ୍ଲା

କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ,କଟକ, ହଜାରିବାଗ-୮୨୫୩୦୧




କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଅଧୀନରେ ଥିବା ଝାଡଖଣ୍ଡ ରାଜ୍ୟର ହଜାରିବାଗ ଠାରେ ଅବସ୍ଥିତ କେନ୍ଦ୍ରୀୟ ବର୍ଷା ନିର୍ଭରଶୀଳ ଢ଼ପଜମି ଧାନ ଗବେଷଣା କେନ୍ଦ୍ରରୁ ବିକଶିତ ହୋଇଥିବା ସହଭାଗୀ ଧାନଟି ସଅଳ କିସମର ଅଟେ ।ଏହି ଧାନ କିସମଟି ବର୍ଷାଶ୍ରିତ ଖାଲୁଆ ଜମି, ମରୁଡ଼ି ଅଞ୍ଚଳ ଏବଂ ମଝିଆଳି ଜମି ପାଇଁ ଉପଯୁକ୍ତ ଅଟେ । ସହଭାଗୀ ଧାନ କିସମଟି ୧୦୫ ରୁ ୧୧୦ ଦିନ ମଧ୍ୟରେ ଅମଳ ଦିଏ । ଜମିର ଆର୍ଦ୍ରତା ଏବଂ ମାଟିର ଗୁଣ ଅନୁଯାୟୀ ଛଟା ବୁଣା କିମ୍ବା ରୁଆ ଧାନ କରାଯାଇପାରିବ । ଛଟାବୁଣା କରିବା ଦ୍ୱାରା ଶତକଡା ୩୦ ଭାଗ ଜଳ ସଞ୍ଚୟ ହୋଇପାରେ । ଜମିକୁ ଭଲଭାବେ ହଳ କରି ଧାଡିରେ ଧାନ ବୁଣାଯାଇପାରିବ କିମ୍ବା ଧାନବୁଣା ଯନ୍ତ୍ର ସାହାଯ୍ୟରେ ଧାନ ବୁଣାଯାଇପାରିବ । ଜମିର ଆର୍ଦ୍ରତା ଅନୁଯାୟୀ ଗୋଟଏ ଦିନ ପୂର୍ବରୁ କରାଯାଇଥିବା ଗଜା ଧାନକୁ ଡ୍ରମ୍‌ସିଡର୍ ଦ୍ୱାରା ବ୍ୟବହାର କରାଯାଇପାରିବ ବା ଛଟାବୁଣା କରାଯାଇପାରିବ । କେନ୍ଦ୍ରୀୟ ବର୍ଷା ନିର୍ଭରଶୀଳ ଢ଼ିପଜମି ଧାନ ଗବେଷଣା କେନ୍ଦ୍ର ତରଫରୁ ସହଭାଗୀ ଧାନର ଉତ୍ପାଦନ ପଦ୍ଧତି ଉପରେ ବିସ୍ତାରିତ ରୂପେ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

**ଖରାଟିଆ ଚାଷ:**

ଗ୍ରୀଷ୍ମ ଋତୁ ଆରମ୍ଭରୁ ଜମିକୁ ଥରେ ଗଭୀର ଭାବେ ଚାଷ କରିବା ଆବଶ୍ୟକ । ଏହା ଦ୍ୱାରା ମାଟିରେ ଥିବା ଘାସ ମଞ୍ଜି ପୋତି ହୋଇଯାଏ ଏବଂ ପୁଣି ଥରେ ଉଠେ ନାହିଁ, ଅନିଷ୍ଟକାରୀ କୀଟ ଏବଂ ରୋଗଜୀବାଣୁ ମଧ ମରିଯାନ୍ତି ।

**ଜମି ପ୍ରସ୍ତୁତି :**

ଖରାଟିଆ ଚାଷ ପାଇଁ ପ୍ରଥମ ବର୍ଷା ପରେ ଜମିକୁ ୨ରୁ ୩ଥର ହଳକରି ମାଟିକୁ ସମତୁଳ କରିଦେବା ଆବଶ୍ୟକ ଏବଂ ରୁଆ ଧାନ ପାଇଁ ମଧ୍ୟମ ଜୁନ୍ ମାସ କିମ୍ବା ପ୍ରଥମ ଜୁଲାଇ ମାସରେ ତଳିଘରା ପ୍ରସ୍ତୁତ କରାଯାଏ ।

**ବିହନ ବିଶୋଧନ:**

ବିହନକୁ ଭଲ ଅଂକୁରୋଦଗମ ହେବାପାଇଁ ଉପଯୁକ୍ତ ଉତପ୍ରେରକ ଏବଂ କବକନାଶକ ଔଷଧରେ ବିହନକୁ ବତୁରାନ୍ତୁ କିମ୍ବା ୨୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ । ଏହି ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଶେଷ ପୃଷ୍ଠାରେ ଦିଆଯାଇଥିବା ସାରଣୀ ବ୍ୟବହାର କରନ୍ତୁ ।

**ଧାନ ବୁଣିବାର ସମୟ ଏବଂ ପଦ୍ଧତି :**

ଶୁଖିଲା ପାଗ ଥିଲାବେଳେ ହେକ୍ଟର ପିଛା ୮୦ କେ.ଜି ହିସାବରେ ଧାନ ବୁଣା ଯନ୍ତ୍ର ବ୍ୟବହାର କରି ଧାନ ବୁଣନ୍ତୁ । ଧାଡିକୁ ଧାଡି ବ୍ୟବଧାନ ୨୦ ସେ.ମି ରଖନ୍ତୁ । ଯଦି ରୁଆ ଦରକାର ପଡେ ତେବେ ୨୫ ଦିନିଆ ହୃଷ୍ଟପୃଷ୍ଟ ତଳି ୨୦ ସେ.ମି ୧୫ ସେ.ମି. ବ୍ୟବଧାନରେ ବୁଦାପ୍ରତି ୨ରୁ ୩ଟି ତଳି ରୁଆଯିବା ଆବଶ୍ୟକ । ଓଦା ମାଟିରେ ଗଜା ଧାନକୁ ଜୁଲାଇ ୧୫ ସୁଦ୍ଧା ୬୦ କେ.ଜି ପ୍ରତି ହେକ୍ଟର ପିଛା ବୁଣାଯିବା ଆବଶ୍ୟକ ।

**ସାର ପରିଚାଳନା :**

ମାଟିର ପରୀକ୍ଷା କରାଯାଇ ଉପଯୁକ୍ତ ସାର ପରିମାଣ ଅନୁମୋଦନ କରାଯିବା ଆବଶ୍ୟକ । ନଚେତ୍ ହେକ୍ଟର ପ୍ରତି ୩୦ କେ.ଜି. ଫସଫରସ ଏବଂ ୨୦ କେ.ଜି. ପଟାସକୁ ମୂଳସାର ହିସାବରେ ବିହନ ବୁଣିବା ପୂର୍ବରୁ ପ୍ରୟୋଗ କରିବା ଉଚିତ । କାଠ ମଇଦେଇ ମାଟିକୁ ସମତୁଳ କରନ୍ତୁ ଫଳରେ ଜଳ ସଂରକ୍ଷଣ ହୋଇପାରିବ । ହେକ୍ଟର ପ୍ରତି ୬୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ । ସାଧାରଣତଃ ଏହାକୁ ୩ଟି କିସ୍ତିରେ ଯଥା ଅଧା ମୂଳସାର ଭାବେ ଏବଂ ଅବଶିଷ୍ଟ ସାରକୁ ୨ ଭାଗରେ-ବିହନ ବୁଣିବାର ୩ସପ୍ତାହ ପରେ ଏବଂ ୭ସପ୍ତାହ ପରେ, ପ୍ରୟୋଗ କରାଯିବା ଆବଶ୍ୟକ ।

ରୁଆ ଧାନପାଇଁ ହେକ୍ଟର ପ୍ରତି ୬୦କେ.ଜି ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ । ଏହାକୁ ୩ କିସ୍ତିରେ ପ୍ରୟୋଗ କରାଯାଏ ଯଥା ଏହାର ଅଧା ମୂଳସାରରୂପେ ଏବଂ ଅବଶିଷ୍ଟ ସାରକୁ ଦୁଇକିସ୍ତିରେ ବିହନ ବୁଣିବାର ତିନି ସପ୍ତାହ ପରେ ଅନ୍ୟଟି କେଣ୍ଡା ସୃଷ୍ଟି ସମୟରେ ଦିଆଯାଏ । ଧନିଚା ଭଳି ସବୁଜ ସାର ପ୍ରୟୋଗ କଲେ ପ୍ରାୟ ୧୦ କେ.ଜି ପ୍ରତି ହେକ୍ଟର ଯବକ୍ଷାରଜାନ କମ୍ ଆବଶ୍ୟକ ହୁଏ ।

**ଘାସ ନିୟନ୍ତ୍ରଣ ପ୍ରଣାଳୀ:**

ପ୍ରଥମ ବର୍ଷା ହେବା ପରେ ଜମିକୁ ୧-୨ ଥର ହଳ କରିବା ଆବଶ୍ୟକ । ଏହା ପରେ ଅନାବନା ଘାସ ଜମିରେ ଉଠେ । ଏଗୁଡିକୁ ଶେଷ ଓଡ ଚାଷରେ ଦମନ କରନ୍ତୁ । ଧାନ ରୁଆର ପ୍ରାୟ ୩-୬ ଦିନପରେ ରାସାୟନିକ ଘାସମରା ଔଷଧ ସିଞ୍ଚନ ବା ଇସି ଫରମୁଲେସନ୍‌ର ପ୍ରୟୋଗ କରାଯିବା ଆବଶ୍ୟକ ଯଥା ବ୍ୟୁଟାକ୍ଲୋର ୧.୫କେ.ଜି ହେକ୍ଟର ପିଛା କିମ୍ବା ପ୍ରିଟିଲାକ୍ଲୋର ୮୦୦ ଗ୍ରାମ୍ ପ୍ରତି ହେକ୍ଟର ପିଛା କିମ୍ବା ପାରାଜୋସଲ୍‌ଫୁରନ ଇଥାଇଲ ୨୦ ଗ୍ରାମ୍ ହେକ୍ଟର ପିଛା ପ୍ରୟୋଗ କରାଯିବା ଆବଶ୍ୟକ । ବୁଣା ଧାନରେ ଘାସ ଉଙ୍କିବା ପୂର୍ବରୁ ବ୍ୟୁଟାକ୍ଲୋର ୧.୨୫କେ.ଜି ହେକ୍ଟର ପିଛା କିମ୍ବା ପ୍ରିଟିଲାକ୍ଲୋର ୮୦୦ ଗ୍ରାମ୍ ପ୍ରତି ହେକ୍ଟର ପିଛା ବ୍ୟବହାର କରିପାରିବେ । ଏହି ସମୟରେ ମାଟିରେ ଆର୍ଦ୍ରତା ଥିବା ଆବଶ୍ୟକ । ଯବକ୍ଷାରଜାନ ସାର ପ୍ରୟୋଗ ପୂର୍ବରୁ ଏବଂ ରାସାୟନିକ ଘାସମରା ଔଷଧ ପ୍ରୟୋଗ ପରେ ହାତରେ ଘାସ ବାଛିବା ଆବଶ୍ୟକ ।

**ଫସଲ ସୁରକ୍ଷା:**

ସମନ୍ୱିତ ପ୍ରଣାଳୀରେ ଆବଶ୍ୟକ ପରିମାଣର  କୀଟମରା ଔଷଧ ବା କବକ ନାଶକ ଔଷଧ ସିଞ୍ଚନ କରାଯିବା ଆବଶ୍ୟକ ।

**ଧାନକଟା ଓ ଅମଳ:**

ଧାନ କେଣ୍ଡାରେ ଶତକଡା ୮୦ ଭାଗ ଧାନ ପାଚିଗଲେ ଧାନ କାଟିଦେବା ଦରକାର । ସହଭାଗୀ ଧାନ ହେକ୍ଟର ପିଛା ପ୍ରାୟ ୪-୫ଟନ୍ ଅମଳ ଦିଏ । ଏହି ଅମଳ ପାଇବା ପାଇଁ ଠିକ୍ ସମୟରେ ଧାନ ବୁଣିବା ଏବଂ ମଧ୍ୟମ ଧରଣର ସାର ପ୍ରୟୋଗ କରିବା ଉଚିତ । ମାଟିରେ ଆଦ୍ରତା ଥିବା ସମୟରେ ଏବଂ ଘାସ ବାଛିବା ପରେ ଯବକ୍ଷାରଜାନ ସାର ପ୍ରୟୋଗ କରାଯିବା ଆବଶ୍ୟକ । ସହଭାଗୀ ଧାନ ମଝିରେ ମଝିରେ ଶୁଷ୍କ ପାଗ ସହିପାରେ କିନ୍ତୁ ଥଣ୍ଡା ପାଗ ସହିପାରେ ନାହିଁ ତେଣୁ ଏହାକୁ ଅତି ବିଳମ୍ବରେ ରୋଇବା ବାଞ୍ଛନୀୟ ନୁହେଁ । ଏହା ବୋର୍ ଧାନ ପାଇଁ ଅନୁପଯୋଗୀ ଅଟେ ।